Akashvani, Sambalpur

SAMBALPURI NEWS MORNING BULLETIN

25 November 2026 - 6.47- 6.52 am.

ରାଷ୍ଟ୍ରପତି- ବାଲିଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍‌ର ଐତିହାସିକ ବାଲିଯାତ୍ରା ସାରା ପୁର୍‌ଥି ନ ପରିଚିତ ହଉ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍‌ । କଟକ୍‌ର ବାଲିଯାତ୍ରାକେ ଗଲାକାଏଲ୍‌ ଉଦ୍‌ଘାଟନ୍‌ କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍‌, ନୌବାଣିଜ୍ୟ କ୍ଷେତ୍ରଥି ଓଡ଼ିଶା ପହେଲା ରାଜ୍ୟ ଆଏ । ବାଲିଯାତ୍ରା ଓଡ଼ିଶାର୍‌ ଅତିତର୍‌ ଖାଲି ଗୁଟେ ସାଧାରଣ୍‌ ସ୍ମୃତି ନୁହେଁସେ ଇଟା ପୁର୍‌ଥି ସଙ୍ଗେ ଆମର୍‌ ସମ୍ପର୍କର୍‌ ଐତିହାସିକ୍‌ ଦସ୍ତାବିଜ୍‌ ଆଏ । ଏଛ୍‌ନିର୍‌ ସମିଆଥି ଭିଲ୍‌ ଓଡ଼ିଶା ଗୁଟେ ଆଗ୍‌ଧାଡ଼ିର୍‌ ଶିଳ୍ପ କେନ୍ଦ୍ର ହେଇପାରିଛେ । ଆଏବା ଦିନେ ରାଜ୍ୟର୍‌ ଶିଳ୍ପ ବିକାଶ୍‌ର ଗୁଟେ ପ୍ରମୁଖ କେନ୍ଦ୍ର ହେବାର୍‌ ସମ୍ଭାବନା ରଖିଛେ ବଲି ରାଷ୍ଟ୍ରପତି କହିଛନ୍‌ । ଇ ଅବ୍‌ସରେ ରାଷ୍ଟ୍ରପତି ଶ୍ରୀମତୀ

ମୁର୍ମୁ କଟକ୍ ବାଲିଯାତ୍ରାକେ ୟୁନେସ୍କୋ ସ୍ୱିକୃତୀ ମିଲ୍ବାର୍ ଦର୍କାର୍ ଆଏ ବଲି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ କଟକ୍ ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ ପ୍ରକଳ୍ପ ବାବ୍ଦେ କହିଥିଲେ ।
ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଏଜ୍ ଭୁବ୍ନେଶ୍ୱର୍ ନ ହେବାର୍କେ ଥିବା ଜାତୀୟ ହୋମିଓପାଥ୍ ବୈଜ୍ଞାନିକ୍ ସମ୍ମିଲନୀଥି ଯୋଗ୍ ଦେବେ । ତାର୍ ଉତ୍ରୁ ରାଷ୍ଟ୍ରପତି ନୂଆଦିଲ୍ଲୀ ଫିର୍ବାର୍ କାର୍ଯ୍ୟସୂଚୀ ରହିଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ୧୪୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍

ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୭ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ମଧୁବାବୁ ପେନସନ୍ ଯୋଜନା ଆର୍‌ଏନ୍‌ୟୁ/ ସମ୍ବଲପୁର

ମଧୁବାବୁ ପେନସନ୍ ଯୋଜନାନୁ ବାଦ୍ ପଡ଼ିଥିବା ନୂଆଁ ହିତାଧିକାରୀ ଆଉ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ୍ ଅଧୀନ୍‌ଥି ବେଙ୍କ୍ ଜରିଏ ଭତା ପାଉଥିବା ହିତାଧିକାରୀମାନ୍‌କୁ ସରକାର ଭତା ଯୁଗେଇ ଦେବେ । ଗଲା ୧୦ ତାରିଖ୍ ଜିଲ୍ଲାସ୍ତରୀୟ କି ୧୧ ଆଉ ୧୨ ତାରିଖ୍ ଦିନ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଭତା ନାଇଁ ପାଇଥିବା ହିତାଧିକାରୀମାନ୍‌କୁ ଆଏଜ୍ ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ କି ୱାର୍ଡ଼୍ ଅଫିସ୍ ନ ଭତା ଦିଆଯିବା । ଇ ବାବ୍‌ଦେ ସାମାଜିକ ସୁରକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦେଇଛନ୍ ।

ଖଦୀ ଆଉ ଏମ୍ଏସ୍ଏମ୍ଇ ଏକ୍ସପୋ-୨୦୨୬ ଆଇ.ଆଣ୍ଡ୍.ପି.ଆର

ଭୁବ୍ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍ ଖଦୀ ଆଉ ଏମ୍ଏସ୍ଏମ୍ଇ ଏକ୍ସପୋ-୨୦୨୬ ମୁଲ୍ ହେବା । କାର୍ଯ୍ୟକ୍ରମ୍ଥି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରଦର୍ଶନୀର୍ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟସୂଚୀ ରହିଛେ । ଇ ପ୍ରଦର୍ଶନୀ ୨୯ ତାରିଖ୍ତକ୍ ଚାଲ୍ବା ।

ଟିକସ୍ଦାତା ହବ ଆଇ ଆଣ୍ଡ୍ ପି.ଆର୍

ଆୟକର ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଠାନେ ଥିବା ଓଡ଼ିଶା ପ୍ରେସ୍ କ୍ଲବ୍ ନ ଆଏଜ୍ଠାନୁ ଟିକସ୍ଦାତା ହବ୍-୨୦୨୬ କାର୍ଯ୍ୟକ୍ରମ୍ ମୁଲ୍ ହେବା । କାର୍ଯ୍ୟକ୍ରମ୍ ୩ ଦିନ୍ ତକ୍ ଚାଲ୍ବା । ଟିକସ୍ଦାତାଙ୍କର୍ ଭିତ୍ରେ ସଚେତନତା ବଢ଼ାବାର୍ ଲକ୍ଷ୍ୟଥି ଇ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ ବଲି ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସଂଗମ୍ ମହାଆଲ୍‌ତୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନ ମହାନଦୀ, ତେଲ୍ ଆଉ କର୍ପୁର୍ ନଦୀର୍ ତ୍ରିବେଣୀ ସଂଗମ୍ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍ ନ ଗଲାକାଏଲ୍ ସଂଗମ୍ ମହାଆଲ୍‌ତୀ ହେଇଯାଇଛେ । ନଦୀର୍ ସୁରକ୍ଷା ଆଉ ନଦୀର୍ ପାନିର୍ ସ୍ୱଚ୍ଛତା ବାର୍ତା ନେଇକରି ମହାଆଲ୍‌ତୀ କାର୍ଯ୍ୟକ୍ରମ୍ ହେଇଯାଇଛେ । ମଣ୍ଡପ୍ ନ ଚନ୍ଦଙ୍କୁ ଆଲଟ ଚାମର ସେବା ସାଙ୍ଗେ କର୍ପୁର ମିଶା ପଂଚ ଆଲ୍‌ତୀ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଦେବାଶିଷ୍ ସିଂ ଆଉ ଆରକ୍ଷୀ ଅଧିକ୍ଷକ୍ ନାରାୟଣ ନାୟକ୍ ଅତିଥି ଭାବେ ଯୋଗ୍ ଦେଇକରି ନଦୀର୍ ସୁରକ୍ଷା ଆଉ ପାନିର୍ ପବିତ୍ରତା ବାବ୍‌ଦେ କହିଥିଲେ ।

ସୈନିକ୍ ସ୍କୁଲ୍- ଏଡ୍‌ମିଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସୈନିକ୍ ସ୍କୁଲ୍ ନ ୨୦୨୭ -୨୮ ଶିକ୍ଷା ବଛରଥି ୬ ଆଉ ୯ ଶ୍ରେଣୀଥି ନାଁ ଲେଖାବାର୍‌କେ ହେବାର୍‌କେ ଥିବା ପ୍ରବେଶିକା ପରୀକ୍ଷା ଲାଗି ଗଲା ୩ ତାରିଖ୍‌ନୁ ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇ ପ୍ରକ୍ରିୟା ଡିସେମ୍ବର୍ ୨ ତାରିଖ୍ ରାତିର୍ ୧୧

ବାଜିକରି ୫୦ ମିନିଟ୍‌ତକ୍ ଚାଲ୍‌ବ। ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଅଭିଭାବକ୍‌ମାନେ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍‌ଟିଏର ୱେବ୍‌ସାଇଟ୍ ଆଉ ସମ୍ବଲ୍‌ପୁର୍ ର ସୈନିକ୍ ସ୍କୁଲ୍‌ର ୱେବ୍‌ସାଇଟ୍ ନ ପାଇପାର୍‌ବେ ବଲି ସୂଚ୍‌ନା ଦିଆଯାଇଛେ ।

ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ଆଇ.ଆଣ୍ଟ୍.ପି.ଆର୍

କେନ୍ଦ୍ର ବୈଦେଶିକ୍ ମନ୍ତ୍ରଣାଲୟର୍ ସହଯୋଗ୍‌ଥି ଭାରତୀୟ ଆଥ୍‌ଲେଟିକ୍ ସଂଘ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ୨୩ ବଛର୍‌ନୁ କମ୍ ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ମୁଲ୍ ହେବ। ପ୍ରତିଯୋଗିତା ୩ ଦିନ୍‌ତକ୍ ଚାଲ୍‌ବ। ପ୍ରତିଯୋଗିତାଥି ଭାରତ୍ ସହେତେ ୬ ଟା ଦେଶର୍ ୨ ଶହ ନୁ ଅଏତ୍‌କା ଖେଲାଲୀ ଭାଗ୍ ନେବେ । ଇଥି ଓଡ଼ିଶାର୍ ୪ ଜଣ୍ ଖେଲାଲି ସୁଯୋଗ୍ ପାଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାତ୍ୟା ପ୍ରଭାବ୍‌ଥି ବାୟୁମଣ୍ଡଳ୍ ନ ଜଳୀୟବାଷ୍ପ ପରିମାଣ୍ ବଢ଼ିଛେ । ସେଆଡ଼େ ରାଜ୍ୟକେ ଉତର୍-ପଶ୍ଚିମ ଦିଗୁ ଶୁଖା ଥଣ୍ଡା ପବନ୍ ଆସ୍‌ବାର୍‌ଟା ବଢ଼ିପାରେ । ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୩ ନୁ ୫ ଡିଗ୍ରୀ ତକ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସମୁଦ୍ରଖଁଡ଼ି ଆଉ ପଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ କୁହୁଡ଼ି ଦେଖାଦେବା । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ କୋରାପୁଟ୍ ନ ଘନାକୁହୁଡ଼ି ଦେଖାଦେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।